## ଓଡ଼ିଆ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରସ୍ତୁତି କର୍ମଶାଳା

# ଖୁବ୍‌ଶୀଘ୍ର ଓଡ଼ିଆରେ ସ୍ନାତକୋତ୍ତର

ଭୁବନେଶ୍ୱର,(ବ୍ୟୁରୋ)– ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଆ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରସ୍ତୁତି କର୍ମଶାଳା ବୁଧବାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାକୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଓଡ଼ିଆକୁ କିପରି ବିଜ୍ଞାନ ଓ ବିକାଶର ଭାଷା କରିହେବ ତାହାକୁ ଆଖି ଆଗରେ ରଖି ପାଠ୍ୟକ୍ରମ ପ୍ରସ୍ତୁତ କରିବା ଉଚିତ ବୋଲି କହିଥିଲେ। ବିଶିଷ୍ଟ ଭାଷାବିତ୍ ପ୍ରଫେସର ଖଗେଶ୍ୱର ମହାପାତ୍ର ଅନ୍ୟତମ ଅତିଥିଭାବେ ଯୋଗଦେଇ ଦୂରଦର୍ଶୀ ପାଠ୍ୟକ୍ରମ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। କୁଳପତି ଡ. ମହାପାତ୍ର ଏହି ଅବସରରେ କହିଥିଲେ, ଓଡ଼ିଆ ଭାଷା ଓ ସାହିତ୍ୟକୁ ପ୍ରାଧାନ୍ୟ ଦେବାକୁ ଯାଇ ବିଶ୍ୱବିଦ୍ୟାଳୟ ଓଡ଼ିଆରେ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛି। ଏହାଛଡ଼ା ଏହି ପାଠ୍ୟକ୍ରମରେ କିପରି ନୂତନ ବୈଷୟିକ କୌଶଳ ସମ୍ପର୍କରେ ଶିକ୍ଷା ଦେଇହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ କୁଳସଚିବ ଡ. ଜୟନ୍ତ କରଶର୍ମା ସ୍ୱାଗତ ଭାଷଣ ଓ ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଦିଲ୍ଲୀପ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଡ. କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାର ବିଭିନ୍ନ ଅଧିବେଶନରେ ଡ. ବସନ୍ତ ପଣ୍ଡା, ଡ. ବିଜୟ ମହାନ୍ତି ଓ ଅଧ୍ୟାପକ ଦେବେନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ବରିଷ୍ଠ ଅଧ୍ୟାପକ, ଅଧ୍ୟାପିକାମାନେ ଏଥିରେ ଯୋଗ ଦେଇଥିଲେ।